## ସଂକ୍ଷେପରେ

### ଦୁଇ ଆନ୍ତଃଜିଲା ଲୁଟେରା କୋର୍ଟ ଚାଲାଣ ଟ୍ରକ ଚୋରି ଘଟଣା

ବ୍ରହ୍ମପୁର,୮।୭(ସୁବାସ ଚନ୍ଦ୍ର ପାଢ଼ୀ): ବଡବଜାର ଥାନା ପୋଲିସ ଫାଷ୍ଟ ଗେଟ ନିକଟସ୍ଥ ଆସିକା ରୋଡ଼ରୁ ଟ୍ରକ ଚୋରି ଘଟଣାରେ ୨ ଆନ୍ତଃଜିଲା ଲୁଟେରାଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା ବାରଙ୍ଗ ଅଞ୍ଚଳର ସତ୍ୟଜିତ ମହାନ୍ତି ଓ ଢେଙ୍କାନାଳର ଆଶିଷ ସାହୁ। ଅଭିଯୁକ୍ତଦ୍ୱୟ ଟ୍ରକ ଚୋରି କରି ଭଞ୍ଜନଗର ଦେଇ ବାହାରକୁ ଯାଉଥିବା ବେଳେ ବଡବଜାର ପୋଲିସ କଳିଙ୍ଗା ଘାଟି ନିକଟରୁ ଠାବ କରିଥିଲା। ଜି. ଉଦୟଗିରି ପୋଲିସ ସହାୟତାରେ ଲୁଟେରାଙ୍କୁ କାବୁ କରାଯିବା ପରେ ଚୋରି ଟ୍ରକ ସହ ଥାନାକୁ ଆଣି ପଚରାଉଚରା କରିଥିଲା। ଅଭିଯୁକ୍ତଙ୍କ ବ୍ୟବହୃତ ବାଇକ ଓ ମୋବାଇଲ ଫୋନ ପୋଲିସ ଜବତ କରିଛି। ଜେରା ବେଳେ ସେମାନେ ପୂର୍ବରୁ ସମ୍ବଲପୁର ଓ କଟକରେ ପୃଥକ ଚୋରି ଘଟଣାରେ ଗିରଫ ହୋଇ ଜେଲ ଯାଇଥିଲେ । ସେହିପରି କିଛିମାସ ପୂର୍ବେ ଗଞ୍ଜାମ ପୋଲିସ ଜିଲା ଚମାଖଣ୍ଡି ଥାନା ଅଞ୍ଚଳରୁ ଏକ ଟ୍ରକ ଚୋରି ମାମଲାରେ ସତ୍ୟଜିତ ଓ ଆଶିଷ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଶନିବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। ବଡ଼ ବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ ଆସିକା ରୋଡ଼ରେ ରହୁଥିବା ନୀଳମାଧବ ପାଢ଼ୀ ଘର ସମ୍ମୁଖ ପାର୍କିଂରେ ଥିବା ଏକ ଟ୍ରକ ଗତ ୫ତାରିଖ ସକାଳେ ଚୋରି ହୋଇଥିଲା। ନିଳମାଧବଙ୍କ ସ୍ତ୍ରୀ ସସ୍ମିତା ଦାସ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୩୭/୨୩ ରେ ଏକ ମାମଲା ରୁଜୁ କରିଥିଲା।

### ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଥାନାରେ ଅଭିଯୋଗ କଲେ ତହସିଲଦାର

ବ୍ରହ୍ମପୁର,୮।୭(ସୁବାସ ଚନ୍ଦ୍ର ପାଢ଼ୀ)- କୁକୁଡାଖଣ୍ଡି ତହସିଲଦାର କଲ୍ୟାଣୀ ସଂଘମିତ୍ରା ଦେବୀଙ୍କୁ କେହି ଟାର୍ଗେଟ କରୁଥିବା ନେଇ ସେ ବ୍ରହ୍ମପୁର ସଦର ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି। ଗତ ୬ ତାରିଖ ରାତିରେ ତହସିଲ କାର୍ଯ୍ୟରେ ନିୟୋଜିତ ଗାଡି(ଓଡ଼ି୦୨ସିସି୯୯୫୩)କୁ ଡ୍ରାଇଭର ଏସ୍.ଶ୍ରୀନିବାସ ରାଓ ନିଜ ଘର ଆଙ୍କୁଶପୁର ଖଣ୍ଡିଆସାହି ପାଖରେ ପାର୍କିଂ କରି ଖାଇବାକୁ ଯାଉଥିବା ବେଳେ ୨ଜଣ ବ୍ୟକ୍ତି ଅଟକାଇଲେ। ସେମାନେ ୫ ଲକ୍ଷ ଟଙ୍କାର ପ୍ରଲୋଭନ ଦେଖାଇ କୌଣସି ଏକ ଜିନିଷକୁ ତହସିଲ ଗାଡିରେ ରଖିବା ପାଇଁ ପ୍ରସ୍ତାବ ଦେଇଥିଲେ। ଯୋଜନା ମୁତାବକ କାମ ହେଲା ପରେ ଡ୍ରାଇଭର ଯାହା ମାଗିବେ ତାହା ଦେବେ ବୋଲି ସେମାନେ କହିଥିଲେ। ଡ୍ରାଇଭର ରାଜି ନ ହେବାରୁ ଦୁହେଁ ତାଙ୍କୁ ୪ ଦିନର ମହଲତ ଦେଇଛନ୍ତି। କୌଣସି ଖରାପ ପରିଣତି ହେଲେ ସେମାନେ ଦାୟୀ ରହିବେ ନାହିଁ ବୋଲି ଧମକ ଦେଇଛନ୍ତି। ଡ୍ରାଇଭର ଏ ସମ୍ପର୍କରେ ତହସିଲଦାରଙ୍କୁ ଲିଖିତ ସୂଚନା ଦେଇଛନ୍ତି। ଧଳା ସାର୍ଟ ପିନ୍ଧିଥିବା ୨ ଅଚିହ୍ନା ବ୍ୟକ୍ତି ଗୋଟିଏ ନମ୍ବରପ୍ଲେଟ ବିହୀନ ବୁଲେଟରେ ଆସିଥିଲେ ବୋଲି ସେ ଜଣାଇଛନ୍ତି। ଡ୍ରାଇଭରଙ୍କ ସୂଚନା ଆଧାରରେ ତହସିଲଦାର ବ୍ରହ୍ମପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ୩୪୧/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କହିଛି। ତହସିଲଦାର ଏବଂ ତାଙ୍କର ସହକର୍ମୀମାନେ ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣକୁ ରୋକିବା ପାଇଁ କ୍ରମାଗତ ଭାବେ ପୋଲିସ ଚଢ଼ାଉ ଜାରି ରଖିଥିବା କାରଣରୁ ସ୍ୱାର୍ଥହାନି ଘଟୁଥିବା ବ୍ୟକ୍ତିମାନଙ୍କର ଏହା ଏକ ଅସାଧୁ ଉଦ୍ୟମ ହୋଇଥାଇପାରେ ବୋଲି ତହସିଲଦାର ଅଭିଯୋଗରେ ଦର୍ଶାଇଛନ୍ତି।

# ୩,୪୯୮ ମାମଲା ଫଇସଲା

**ଦ୍ୱିତୀୟ ଜିଲାସ୍ତରୀୟ ଲୋକ ଅଦାଲତ**

**■୧କୋଟି ୧୪ ଲକ୍ଷ କ୍ଷତିପୂରଣ ନିର୍ଦ୍ଦେଶ**

ବ୍ରହ୍ମପୁର,୮।୭(ସୁବାସ ଚନ୍ଦ୍ର ପାଢ଼ୀ)


ବିବାହ ବିଚ୍ଛେଦ ମାମଲାର ସମାଧାନ କରାଯାଉଛି।

ଜାତୀୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶାନୁସାରେ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ସହଯୋଗରେ ବ୍ରହ୍ମପୁରସ୍ଥିତ ଗଞ୍ଜାମ ଜିଲା ଅଦାଲତଗୁଡ଼ିକରେ ଚଳିତବର୍ଷର ଦ୍ୱିତୀୟ ଜିଲାସ୍ତରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ସଂଯୋଜନାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ୩,୪୯୮ଟି ମାମଲାର ତୁରନ୍ତ ଫଇସଲା କରାଯାଇ ୧ କୋଟି ୧୪ ଲକ୍ଷ ୭୪ ହଜାର ୭୮୮ ଟଙ୍କା ପ୍ରଦାନ କରିବାକୁ ଆଦେଶ ହୋଇଛି।

୧୩ଟି ମୋଟରଯାନ ଦୁର୍ଘଟଣା ମାମଲାର ବିଚାର କରାଯାଇ ବୀମା କମ୍ପାନୀଗୁଡିକୁ ୮୨ ଲକ୍ଷ ୭୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ୧୪ଟି ନେଗୋସିଏବଲ ଇନଷ୍ଟ୍ରୁମେଣ୍ଟ (ଏନଆଇ) ଆକ୍ଟ କେସର ସମାଧାନ କରାଯାଇ ୨୭ ଲକ୍ଷ ୭୫ହଜାର ୬୭୮ ଟଙ୍କା ପୁନରୁଦ୍ଧାର ହୋଇଥିଲା। ଗଞ୍ଜାମ ଜିଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ଦେବଶ୍ରୀ ସାହୁଙ୍କ ପରିଚାଳନାରେ ମୋଟ ୨ଟି ଲୋକ ଅଦାଲତ ବେଞ୍ଚ ବସିଥିଲା। ପ୍ରତ୍ୟେକ ବେଞ୍ଚରେ ବିଚାର ବିଭାଗୀୟ ଅଧିକାରୀ ଓ ୨ ଜଣ ସଭ୍ୟ ଉପସ୍ଥିତ ଥିଲେ। ପରିବାର ଅଦାଲତରେ ୧୧ଟି ମାମଲାର ଶୁଣାଣି କରାଯାଇଥିବା ବେଳେ ସେମାନଙ୍କର ବୈବାହିକ କଳହ ତୁଟାଇ ପୁଣି ଖୁସିରେ ଜୀବନଯାପନ କରିବାକୁ ପରାମର୍ଶ ଦିଆଯାଇଥିଲା। ୪୨ଟି ଅନ୍ୟାନ୍ୟ ଫୌଜଦାରୀ ମକଦ୍ଦମା ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଥିଲା। ସେହିପରି ୩,୪୧୫ ରେଭେନ୍ୟୁ କେସର ସମାଧାନ ହୋଇ ୪ ଲକ୍ଷ ୨୯ ହଜାର ୧୧୦ ଟଙ୍କା ଆଦାୟ କରାଯାଇଛି। ୩ଟି ଜମିଜମା ସମ୍ପର୍କିତ ମାମଲାର ଆପୋଷ ବୁଝାମଣା କରାଯାଇ ତାହାର ସମାଧାନ ହୋଇଛି। ଏଥିରେ ଦ୍ୱିତୀୟ ଏମଏସିଟି ଜଜ ରାମ ଶଙ୍କର ହୋତା, ପ୍ରଥମ ଅତିରିକ୍ତ ଜିଲା ଓ ଦୌରାଜଜ ଡ଼. ଇନ୍ଦୁ ଶର୍ମା, ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ ରାଜ କୁମାର ଦାଶ ଏବଂ ବେଞ୍ଚ ସଭ୍ୟ ତ୍ରିମୂଳ କୁମାର ରେଡ୍ଡୀ, ଡା. ମିନାକ୍ଷୀ ଦେବୀ, ଶିବ ମିଶ୍ର, ତୃପ୍ତିଲତା ବେହେରା ମୋଟର ଦୁର୍ଘଟଣା ଜନିତ ମକଦ୍ଦମାର ସମାଧାନରେ ଅଂଶଗ୍ରହଣ କରିଥିଲେ। ସିଭିଲ କୋର୍ଟ ରେଜିଷ୍ଟ୍ରାର ସୁଶାନ୍ତ କୁମାର ମିଶ୍ରଙ୍କ ଉପସ୍ଥିତିରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଡ. ଅରୁଣ କୁମାର ସାହୁ, ପରିବାର ଜଜ ଅଶ୍ୱିନୀ କୁମାର ନାୟକ ଓ କୋର୍ଟର ସମସ୍ତ ବିଚାରପତି ଓ ଆଇନଜୀବୀ ଅଂଶଗ୍ରହଣ କରିଥିଲେ। ଏହାକୁ ଜିଲା ଆଇନ ସେବା ପ୍ରାଧିକରଣ, ବ୍ରହ୍ମପୁର ସଚିବ ଦେବଶ୍ରୀ ସାହୁ ପରିଚାଳନା କରିଥିଲେ।


ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com



@ ଶ୍ରୀନିବାସ


ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ଉନ୍ନୟନ କାର୍ଯ୍ୟରେ ବୃକ୍ଷ ନ କାଟିବାକୁ ଦାବି


ସବୁଜ ବାହିନୀ ପକ୍ଷରୁ ବ୍ରହ୍ମପୁର ରେଳ ଷ୍ଟେସନ ପ୍ରବନ୍ଧକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବ୍ରହ୍ମପୁର,୮।୭(ସ୍ମୃତି ରଞ୍ଜନ ମହାଲିକ)

ସହରର ବିଭିନ୍ନ ବିକାଶ ଓ ଉନ୍ନୟନ କାର୍ଯ୍ୟ ଜାରି ରହିଛି। ବ୍ରହ୍ମପୁର ରେଳ ଷ୍ଟେଶନର ବିକାଶ ପାଇଁ ମଧ୍ୟ ଯୋଜନା ରହିଛି। ରେଳ ଷ୍ଟେଶନରେ ନୂତନ ପାର୍କିଂ ସ୍ଥାନ ପାଇଁ ୨ଟି ବଡ ଗଛ କଟାଯାଇଥିବା ବେଳେ ବର୍ତ୍ତମାନ ପୁରାତନ ମେଡିକାଲ ଭାଙ୍ଗିବା କାର୍ଯ୍ୟ ଆରମ୍ଭ ହୋଇଛି। ସେଠାରେ ୩ଟି ବିରାଟକାୟ ବୃକ୍ଷ ରହିଛି। ସେ ସବୁ ବୃକ୍ଷକୁ କାଟିବା ପାଇଁ ରେଳବାଇ ପକ୍ଷରୁ ଯୋଜନା କରାଯାଇଛି। ଏହି ଗଛକୁ ନ କାଟି ବିକାଶ ମୂଳକ କାର୍ଯ୍ୟ କରିବା ପାଇଁ ସବୁଜ ବାହିନୀ ପକ୍ଷରୁ ପୂର୍ବତଟ ରେଳବାଇର ଡିଆରଏମଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବ୍ରହ୍ମପୁର ରେଳ ଷ୍ଟେଶନ ପ୍ରବନ୍ଧକ ଦୁର୍ଗା ପ୍ରସାଦ ବ୍ରହ୍ମାଙ୍କୁ ପ୍ରଦାନ କରାଯାଇଛି। ଏହି ୩ଟି ବୃକ୍ଷରେ ପ୍ରତ୍ୟେହ ପ୍ରାୟ ୫ ହଜାର ପକ୍ଷୀ ବସବାସ କରିଥାନ୍ତି। ଏହାକୁ କଟାଯିବା ଦ୍ୱାରା ପରିବେଶ ସନ୍ତୁଳନରେ ବିଶେଷ ପ୍ରଭାବ ପଡିବ। ଏଥିସହ ପକ୍ଷୀମାନେ ମଧ୍ୟ ବାସହରା ହୋଇଯିବେ। ଏଣୁ ଏହି ବୃକ୍ଷକୁ ନ କାଟି ଉନ୍ନୟନ ମୂଳକ କାର୍ଯ୍ୟ କରିବା ପାଇଁ ସବୁଜ ବାହିନୀ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀଙ୍କ ସମେତ ପ୍ରସନ୍ନ କୁମାର ସ୍ୱାଇଁ, ପି ବିନୋଦ, ପି ଅରବିନ୍ଦ ଦେଶୀ ବେହେରା, ଆକାଶ ରାଉତ, ସୁଜିତ ଗୌଡ, ସାଗର ପ୍ରସାଦ ପାତ୍ର, ସାଗର ଶାହା ପ୍ରମୁଖ ଉପସ୍ଥିତ ଥିଲେ।

## ପିଲାଙ୍କୁ ଟିସି ଦେଲାବେଳେ ଅର୍ଥ ଆଦାୟ ଅଭିଯୋଗ

**ବିଡିଓଙ୍କ ତାଗିଦ୍ ପରେ ଟଙ୍କା ଫେରାଇଲେ ପ୍ରଧାନ ଶିକ୍ଷକ**

ପାତ୍ରପୁର, ୮।୭(ଉମା ଚରଣ ନେପାକ)

ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ଓ ଟିସି ଦେଇ ଅର୍ଥ ଆଦାୟ କରି ପାତ୍ରପୁର ବ୍ଲକ ସୁରଙ୍ଗିର ଶ୍ୟାମସୁନ୍ଦର ନୋଡାଲ ବିଦ୍ୟାପୀଠ ହରଡ଼ଘଣାରେ ପଡିଛି। ଟିସି ଦେଲା ବେଳେ ଅର୍ଥ ଆଦାୟକୁ ନେଇ କିଛି ଅଭିଭାବକଙ୍କ ଅଭିଯୋଗ କ୍ରମେ ଶନିବାର ବିଡିଓ ସୁମନ ସୁଦ୍ଧା କୁଣ୍ଡୁ ସୁରଙ୍ଗି ଗ୍ରାମରେ ଥିବା ଛାତ୍ରୀଛାତ୍ରଙ୍କ ଘରକୁ ଯାଇ ତଦନ୍ତ କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ଗୌରହରି ଟହଲଙ୍କୁ ତାଗିଦ କରି ଯେଉଁ ଛାତ୍ରୀଛାତ୍ରମାନଙ୍କଠାରୁ ଟଙ୍କା ନିଆଯାଇଛି ସେମାନଙ୍କୁ ଫେରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ପ୍ରଧାନ ଶିକ୍ଷକଙ୍କ ସହ ଯୋଗାଯୋଗ କରିବାରୁ ଆଲୁମ୍ନି ପାଇଁ ପିଲାଙ୍କଠାରୁ କୋଡିଏ ତିରିଶ ଟଙ୍କା ବିଦ୍ୟାପୀଠର ଜଣେ କର୍ମଚାରୀ ଆଦାୟ କରିଥିଲେ। ବିଡିଓଙ୍କ ନିର୍ଦ୍ଦେଶ ପରେ ପିଲାଙ୍କ ଘରକୁ ଯାଇ ଆଦାୟ ଅର୍ଥ ଫେରସ୍ତ କରାଯାଇଛି।

# ଠାକୁରାଣୀ ମନ୍ଦିର ବିକାଶ ନେଇ ରାଜନୀତି

ବ୍ରହ୍ମପୁର,୮।୭(ନରସିଂହ ସାହୁ)

ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ନୂଆ ରୂପ ପାଇବ। ମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ୧୮.୯୧ କୋଟିର ବିକାଶ ଯୋଜନାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଏ ନେଇ ରେଶମ ସହରବାସୀ ଖୁସି ବ୍ୟକ୍ତ କରିଛନ୍ତି। ଶନିବାର ଶାସକ ଦଳ ପକ୍ଷରୁ ବିଶାଳ ରାଲି ବାହାରି ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା।

ଅପରପକ୍ଷରେ ଏହାକୁ ନେଇ ରାଜନୀତି ବୟାନବାଜି ଆରମ୍ଭ ହୋଇଯାଇଛି। ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ କହିଛନ୍ତି ବ୍ରହ୍ମପୁରର ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାର ବହୁମୁଖୀ ପଦକ୍ଷେପ ନେଇଛନ୍ତି। ଏବେ ମା' ବୁଢ଼ୀ ଠାକୁରାଣୀ ମନ୍ଦିର ବିକାଶ ଯୋଡ଼ିଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଓ ତାଙ୍କ ବ୍ୟକ୍ତିଗତ ତଥା ୫-ଟି ସଚିବ ଭିକେ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି। ମହାନଗରରେ ଥିବା ଏକାଧିକ ବିଭିନ୍ନ ପୁରାତନ ମନ୍ଦିରର ଉନ୍ନତୀକରଣ ଲାଗି ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ସେ ସୂଚାଇଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ଭିନ୍ନ ମତ ଦେଇଛି। ପିସିସି ମୁଖପାତ୍ର ପୀତବାସ ପଣ୍ଡା ଏହା ନିର୍ବାଚନୀ ଧୂଆଁବାଣ ବୋଲି କଟାକ୍ଷ କରିଛନ୍ତି। ମହାନଗରରେ ସରକାର ବିରୋଧୀ ହାୱା ଆରମ୍ଭ ହୋଇଛି। ସେଥିରୁ ବଞ୍ଚିବାକୁ ମନ୍ଦିର ବିକାଶ ଯୋଜନା କରାଯିବା ପ୍ରଚାର କରାଯାଇଛି। ଗତ କିଛି ବର୍ଷ ତଳେ ଠାକୁରାଣୀ ମନ୍ଦିର ଉନ୍ନତିକରଣ ପାଇଁ ୫ କୋଟି ଟଙ୍କାର ଯୋଜନା ହୋଇଥିଲା। ଏବେ ପୁଣି ନୂଆ ଯୋଜନାର ପ୍ରଚାର ଆରମ୍ଭ କରାଯାଇଛି। ୧୯ କୋଟିର ଯୋଜନା ବଜେଟରେ ବରାଦ କରାଯାଇଛି କି ବୋଲି ପଣ୍ଡା ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ ଗତ ଏପ୍ରିଲ ମାସ ୪ରୁ ପ୍ରସିଦ୍ଧ ଦ୍ୱି-ବାର୍ଷିକ ଠାକୁରାଣୀ ଯାତ୍ରା ଆରମ୍ଭ ହୋଇଥିଲା। ଅନ୍ତିମ ପର୍ଯ୍ୟାୟରେ ସେହି ମାସ ୩୦ରେ ୫-ଟି ସଚିବ ପାଣ୍ଡିଆନ ବ୍ରହ୍ମପୁର ଆସି ଯାତ୍ରା ସ୍ଥଳକୁ ଯାଇ ମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ। ପରେ ମନ୍ଦିରକୁ ଯାଇ ସ୍ଥିତି ଅନୁଧ୍ୟାନ କରି ବିକାଶ ଯୋଜନାର ଡିପିଆର ତୁରନ୍ତ ପ୍ରସ୍ତୁତ ପାଇଁ ବିଡିଏ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶନିବାର କାର୍ଯ୍ୟକ୍ରମରେ ବିଜେଡି ଜିଲା ସଭାପତି, ଏମପି, ବିଧାୟକ, ମେୟର, ଡେପୁଟି ମେୟର, କାଡ୍ଡୁ ଉନ୍ନୟନ ନିଗମ ଅଧ୍ୟକ୍ଷଙ୍କ ସମେତ ଶତାଧିକ କର୍ମୀ ଓ ନେତା ସାମିଲ ହୋଇଥିଲେ।

# ବେଲଗୁଣ୍ଠା ପଞ୍ଚାୟତ ସମିତି ବୈଠକ

ବେଲଗୁଣ୍ଠା,୮।୭(କୃଷ୍ଣଚନ୍ଦ୍ର ପଟ୍ଟନାୟକ)


ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ଅଧିକାରୀମାନେ।

ବେଲଗୁଣ୍ଠା ପଞ୍ଚାୟତ ସମିତି ବୈଠକ ସ୍ଥାନୀୟ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋଶନ ଶତପଥୀଙ୍କ ପୌରୋହିତ୍ୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ବ୍ଲକ୍ ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ, ସହକାରୀ ଯନ୍ତ୍ରୀ ଅଚ୍ୟୁତାନନ୍ଦ ପଟ୍ଟନାୟକ, ଆରଡବ୍ଲୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀ ସୁଜିତ ପାତ୍ର, ସିଡିପିଓ ଦାୟିତ୍ୱରେ ଥିବା ବିଷ୍ଣୁପ୍ରିୟା ସେଠୀ, ଜିଲାପରିଷଦ ସଭ୍ୟ ବିଦ୍ୟାଧର ବିଷୋୟୀ, ଉଦ୍ୟାନ ବିଭାଗ କର୍ମଚାରୀ ଅଙ୍କିତା ମିଶ୍ର, ଯୋଗାଣ ଅଧିକାରୀ ସୁବ୍ରତ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟେକ ପଞ୍ଚାୟତରେ ୩-ପି ଅର୍ଥାତ ପାର୍କ, ପାଠାଗାର ଏବଂ ପଡ଼ିଆ ନିର୍ମାଣ ହେବ, ଯେଉଁଠି ଅଛି ତାର ପୁନଃରୁଦ୍ଧାର କରିବା ପାଇଁ ବୈଠକରେ ନିଷ୍ପତି ହୋଇଥିଲା। ବୈଠକରେ ଡାକ୍ତରଖାନାରେ ଡାକ୍ତର ଓ କର୍ମଚାରୀ ଅଭାବ, ବିଦ୍ୟାଳୟରେ ଶିକ୍ଷକ ଅଭାବ ଆଦି ଆଲୋଚନା ହୋଇଥିଲା। ଗୋବରା ଏବଂ ବେଲଗୁଣ୍ଠା ମେଡିକାଲ୍ ରେଫରାଲ୍ ମେଡିକାଲ୍‌ରେ ପରିଣତ ହୋଇଥିବା ବେଳେ ଡାକ୍ତର ସମସ୍ୟା ଦୂର ନ କରାଗଲେ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ ଗୋବରା ଗାନ୍ଧୀ ପ୍ରତିମୂର୍ତ୍ତି ସମ୍ମୁଖରେ ବେଣିପଲ୍ଲୀ ସରପଞ୍ଚ ଦୁର୍ଗା ମାଧବ ନାୟକ, ବଡ଼ ବୋର୍ସିଂ ସରପଞ୍ଚ ରାମେଶ୍ୱର ପାତ୍ର, ଗୋବରା ସମିତିସଭ୍ୟ ବିଭୂପାଦ ଜେନା, ନାଟେଙ୍ଗା ସରପଞ୍ଚ ପ୍ରତିନିଧି ଦେବେନ୍ଦ୍ର ଗୌଡ ପ୍ରମୁଖ ଧାରଣାରେ ବସିବେ ବୋଲି ପ୍ରକାଶ କରିଛନ୍ତି। ବେଲଗୁଣ୍ଠା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ନେଇ ଜନପ୍ରତିନିଧିମାନେ ଅଭିଯୋଗ ଆଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସୁପ୍ରଭା ଗୌଡ଼, ସତ୍ୟବାନ ସ୍ୱାଇଁ, ସମିତିସଭ୍ୟ ସୁଧାଂଶୁ ଶେଖର ପୋଲେଇ, ରାଜୀବ୍ ଲୋଚନ ନାୟକ, ମମତା ଭୋଳ, ପିନାକୀନି ବିଷୋୟୀଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଭାଜପାର ଯୁବ ବିସ୍ତାରକ ଯୋଜନା ବୈଠକ

**୯ ସାଙ୍ଗଠନିକ ଜିଲାର ଯୁବ କାର୍ଯ୍ୟକର୍ତ୍ତା ସାମିଲ**

ବ୍ରହ୍ମପୁର,୮।୭(ନରସିଂହ ସାହୁ)

ବ୍ରହ୍ମପୁରରେ ଭାଜପାର ଯୁବ ବିସ୍ତାର ଯୋଜନା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଗଠନ ନିର୍ଦ୍ଦେଶରେ ଦକ୍ଷିଣ ଓଡ଼ିଶାର ୯ ସାଙ୍ଗଠନିକ ଜିଲାର ଶତାଧିକ ଯୁବ କାର୍ଯ୍ୟକର୍ତ୍ତା ଏଥିରେ ଯୋଗ ଦେଇଥିଲେ। ଭାଜପାର ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ ଯୋଗଦେଇ ଦଳୀୟ ସଂଗଠନରେ ଯୁବ ବର୍ଗଙ୍କୁ ଯୋଡ଼ିବା ଏବଂ ତୃଣମୂଳ ସ୍ତରରୁ ସଶକ୍ତ କରିବାକୁ ପରାମର୍ଶ ଦେଇଥିଲେ। ଗଞ୍ଜାମ ଜିଲା ସଭାପତି ବିଭୂତି ଜେନା ଆଗାମୀ ନିର୍ବାଚନୀ ରଣନୀତି ମନ୍ତ୍ର ଫୁଙ୍କିଥିଲେ। ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ସିଦ୍ଧାନ୍ତ ଗଙ୍ଗଦେବ, ଜିଲା ସଭାପତି ଶିବ ଶଙ୍କର ନାୟକଙ୍କ ସମେତ ମନୋଜ କୁମାର ସାହୁ, ବାଳକୃଷ୍ଣ ପାତ୍ର, ଦୀପକ ପ୍ରଧାନ, ହରିକୃଷ୍ଣ ପଣ୍ଡା, ଗଣେଶ ମଣ୍ଡଳ, ନାଗେଶ୍ୱର ଦୋରା, ଚିନ୍ମୟ ରେଡ଼ି, ବନିତା ସାହୁ ଓ ଅନ୍ୟମାନେ ଆଲୋଚନାରେ ଭାଗ ନେଇଥିଲେ। ଭାଜପା ଜିଲା ଉପସଭାପତି ସୁନୀଲ ସାହୁ, ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ରତ୍ନଗର୍ଭା ସରସ୍ୱତୀ, ସବିତା ସାହୁ, ମଦନ ପାତ୍ର, ସୁନୀଲ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି ଓ ଘୁମୁସର ସାଙ୍ଗଠନିକ ଜିଲାର ଯୁବ କାର୍ଯ୍ୟକର୍ତ୍ତା ବୈଠକରେ ସାମିଲ ହୋଇଥିଲେ।

# ନିଷ୍ଟରେ ରାଷ୍ଟ୍ରୀୟ ବୌଦ୍ଧିକ ସମ୍ପଦ ସଚେତନତା

ବ୍ରହ୍ମପୁର,୮।୭(ସ୍ମୃତି ରଞ୍ଜନ ମହାଲିକ୍)

ନିଷ୍ଟ କଲେଜରେ ରାଷ୍ଟ୍ରୀୟ ବୌଦ୍ଧିକ ସମ୍ପଦ ସଚେତନତା ଉତ୍ସବ ପାଳିତ ହୋଇଛି। ଏଥିରେ ବରିଷ୍ଠ ବୈଜ୍ଞାନିକ ଡ. ଟି ପବନ କୁମାର ମୁଖ୍ୟଅତିଥି ଓ ଡ. ମନୀଷ କୁମାର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଗବେଷଣା ଓ ଉଦ୍ଭାବନ କ୍ଷେତ୍ରରେ ବିଶ୍ୱରେ ଭାରତର ବର୍ତ୍ତମାନ ସ୍ଥିତି ବିଷୟରେ ମୁଖ୍ୟ ଅତିଥି ଅବଗତ କରାଇଥିଲେ। ଏଥିସହ ବିଭିନ୍ନ ଉନ୍ନତ ଦେଶର ଅର୍ଥନୀତି ଓ ପ୍ରଗତିରେ ସେଠିକାର ଉଦ୍ଭାବକ ଓ ଶିକ୍ଷାବିତ ଗୋଷ୍ଠୀର କିପରି ଭୂମିକା ଥାଏ ସେ ବିଷୟରେ ଆଲୋକପାତ କରିଥିଲେ। ଗବେଷକ ଓ ଉଦ୍ଭାବକଙ୍କ କୌଣସି ମୌଳିକ ଅବଧାରଣାକୁ କପିରାଇଟ କରାଯାଇ ପାରୁଥିବା ବେଳେ ତାହାକୁ କାର୍ଯ୍ୟରେ ପରିଣତ କରି କୌଣସି ଉଦ୍ଭାବନ କଲେ ତାହାକୁ ପେଟେଣ୍ଟ କରାଯାଇ ପାରିବ। କପିରାଇଟ ଓ ପେଟେଣ୍ଟ ଉଭୟ ବୌଦ୍ଧିକ ଜ୍ଞାନ ସମ୍ପଦ ଯାହାର ବ୍ୟବସାୟୀକରଣ ଦ୍ୱାରା ଆର୍ଥିକ ଲାଭ ଉପାର୍ଜନ କରାଯାଇପାରିବ। ଭାରତର ଐତିହ୍ୟ ଓ ପୁରାଣ ଶାସ୍ତ୍ରରେ ଅନେକ ଅଭୂତପୂର୍ବ କଳ୍ପନାର ବର୍ଣ୍ଣନା ଅଛି। ଯାହାକୁ ଆଧାର କରି ଅନ୍ୟ ଦେଶର ଲୋକେ ବିଭିନ୍ନ ଉଦ୍ଭାବନ କରି ପେଟେଣ୍ଟ ଅର୍ଜନ କରୁଛନ୍ତି। ସେହି ଉତ୍ପାଦ ଆମକୁ ବିକ୍ରି କରି ଆମଠାରୁ ଲାଭ ପାଉଛନ୍ତି। ତେଣୁ ବର୍ତ୍ତମାନଠାରୁ ବିଦ୍ୟାଳୟରୁ ମହାବିଦ୍ୟାଳୟ ଏବଂ ପାଠଶାଳାରୁ କର୍ମଶାଳା ଯାଏଁ ଦେଶର ବୌଦ୍ଧିକ ଜ୍ଞାନ ସମ୍ପଦର ଉନ୍ନତି ପାଇଁ ସଚେତନତା ଓ ଦକ୍ଷତା ସୃଷ୍ଟି କରିବାକୁ ପଡ଼ିବ ବୋଲି ମୁଖ୍ୟ ଅତିଥି କହିଥିଲେ। ସେହିପରି ମୁଖ୍ୟବକ୍ତା ଉଦ୍ଭାବନ ସବୁ ପରିବେଶ ପାଇଁ ଉପକାରୀ ହେବା ଆବଶ୍ୟକ ବୋଲି କହିଥିଲେ। ଶିକ୍ଷାନୁଷ୍ଠାନର ଉପାଧ୍ୟକ୍ଷ ଡ ଏମ. ସୁରେଶ ବକ୍ତାଙ୍କୁ ଉପଢୌକନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଆବାହକ ଡ ସନ୍ଦିପନ ମଲିକଙ୍କ ସମେତ ପ୍ରଫେସର ମିନାକ୍ଷୀ ଦାଶ ଓ ମହାବିଦ୍ୟାଳୟ ପ୍ରଶାସନ ମୁଖ୍ୟ ସୟଦ ସୁଲେମାନ ଅଲି, ଡ ସୁଧୀର ପଟ୍ଟନାୟକ, ଡ଼ ପ୍ରୀତିରଞ୍ଜନ ସାହୁ, ଡ଼ ସୁଶାନ୍ତ କୁମାର ସାହୁ, ପିତାମ୍ବର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ୩୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଗବେଷଣାଭିତ୍ତିକ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲିବାକୁ ଦାବି

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

**■ଚଳିତବର୍ଷରୁ ୬ ନୂତନ ସେଲ୍ଫ ଫାଇନାନ୍ସ କୋର୍ସରେ ଆଡମିଶନ: କୁଳପତି**

ବ୍ରହ୍ମପୁର,୮।୭(ତନୁଶ୍ରୀ ନାହାକ)




ଉଚ୍ଚଶିକ୍ଷାର ଉନ୍ନତି ନିମନ୍ତେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିନିମନ୍ତେ ବହୁ ଯୋଜନା ପ୍ରଣୟନ କରାଯାଉଛି। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡିକରେ ଶୈକ୍ଷିକ ବାତାବରଣ ବୃଦ୍ଧି ଓ ଭିତ୍ତିଭୂମି ବିକାଶ ମଧ୍ୟ କରାଯାଉଛି। ହେଲେ ପ୍ରାୟ ୬୦ବର୍ଷ ପୁରୁଣା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବେ ସୁଦ୍ଧା ଉଚ୍ଚଶିକ୍ଷାର ଅଭିବୃଦ୍ଧି କ୍ଷେତ୍ରରେ ବହୁ ପଛରେ ରହିଛି। ଏହି ବିଶ୍ୱବିଦ୍ୟାଳୟ ଦକ୍ଷିଣ ଓଡ଼ିଶାର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ। ଏଠାରେ ବର୍ତ୍ତମାନ ସୁଦ୍ଧା ସାମାଜିକ ଓ ଗବେଷଣାଭିତ୍ତିକ ସ୍ନାତକୋତ୍ତର ପାଠ୍ୟକ୍ରମ ନାହିଁ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିମନ୍ତେ ଆବଶ୍ୟକ ଥିବା ସଂସ୍କୃତ, ଆନ୍ଥ୍ରୋପଲୋଜି, ମନୋବିଜ୍ଞାନ, ଭୂଗୋଳ, ପରିସଂଖ୍ୟାନ, ଦର୍ଶନ, ମହିଳା ଶିକ୍ଷା, ଶିକ୍ଷା, ବିଏଡ଼, ବିପିଏଡ ଓ ଏମପିଏଡ଼ ଭଳି ବହୁ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଗଞ୍ଜାମ ଜିଲା ତଥା ଦକ୍ଷିଣ ଓଡ଼ିଶାର ବହୁ ବୁଦ୍ଧିଜୀବୀ ବିଭିନ୍ନ ସମୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏଭଳି କ୍ରୀଡ଼ାଭିତ୍ତିକ, ସାମାଜିକ ଓ ଗବେଷଣାଭିତ୍ତିକ ସ୍ନାତକୋତ୍ତର ଶିକ୍ଷା ବ୍ୟବସ୍ଥା ହୋଇପାରିଲେ ବହୁ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ।

ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ଦାୟିତ୍ୱ ଗ୍ରହଣ ପରେ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣର ଅଭିବୃଦ୍ଧି ଓ ଭିତ୍ତଭୂମି ବିକାଶ ଦିଗରେ ସର୍ବଦା ଚେଷ୍ଟିତ ବୋଲି କହିଛନ୍ତି। ଗତ ମାର୍ଚ୍ଚ ୨୯ରେ ହୋଇଥିବା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଉଚ୍ଚଶିକ୍ଷା ବିଭାଗ ସଚିବ ବିଷ୍ଣୁପଦ ସେଠୀ ଯୋଗଦେଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟରେ ବହୁ ନୂତନ ବିଭାଗ ଖୋଲିବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେବେ ଚଳିତବର୍ଷ ଠାରୁ ନୂତନ ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆନ୍ଥ୍ରୋପୋଲୋଜି, ବିପିଏଡ଼, ଏମପିଏଡ଼, ପବ୍ଲିକ ଆଡ଼ମିନିଷ୍ଟ୍ରେସନ, ଓମ୍ୟାନ ଷ୍ଟଡ଼ିଜ, ସୋସିଓଲୋଜି ଆଦି ୬ଟି ବିଷୟରେ ସେଲ୍ଫ ଫାଇନାନ୍ସ କୋର୍ସରେ ଛାତ୍ରୀଛାତ୍ର ଚଳିତ ବର୍ଷରୁ ନାମଲେଖାଇ ପାରିବେ। ପ୍ରତ୍ୟେକ ବିଭାଗରେ ୩୨ ଲେଖାଏଁ ସିଟ୍ ରହିଛି। ଏହି ନୂତନ ପାଠ୍ୟକ୍ରମ ଖୋଲିବା ପରେ ବହୁ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ। ଆଗାମୀ ଦିନରେ ଅନ୍ୟ ବିଷୟଗୁଡ଼ିକ ଖୋଲିବା ନିମନ୍ତେ ଉଚ୍ଚ ଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଛି। ସ୍ୱୀକୃତି ମିଳିବା ପରେ ଖୁବଶୀଘ୍ର ଅନ୍ୟ ବିଭାଗ ଖୋଲିବା ନିମନ୍ତେ ମଧ୍ୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୋଜନା ରହିଥିବା ନେଇ କୁଳପତି ଦାସ କହିଛନ୍ତି।

